Food and Agriculture Organization of the United Nations
Ministry of Agriculture & Farmers' Welfare
Ministry of Environment, Forest and Climate Change
LiFE Lifestyle for Environment
Govt. Of Odisha
gef global environment facility INVESTING IN OUR PLANET

# ଘର ଅଗଣାରେ କୁକୁଡ଼ା ପାଳନ

ଭାରତରେ କୁକୁଡ଼ା ପାଳନ ଗ୍ରାମୀଣ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଲକ୍ଷ ଲକ୍ଷ ପରିବାରକୁ ଜୀବିକା, ପୋଷଣ ଏବଂ ଆୟ ପ୍ରଦାନ କରିଥାଏ । କୁକୁଡ଼ା, ବତକ ଏବଂ ଅନ୍ୟ ପକ୍ଷୀ ପାଳନ କରିବା କୁକୁଡ଼ା ପାଳନ ଅର୍ନ୍ତଭୁକ୍ତ । ଯେହେତୁ ଏଥିପାଇଁ ଅଧିକ ଖର୍ଚ୍ଚ କିମ୍ବା ଜାଗାର ଆବଶ୍ୟକତା ହୁଏନାହିଁ, ତେଣୁ ରୋଜଗାର କରିବା ପାଇଁ ଅନେକ ପରିବାର ଏହାକୁ ଆପଣେଇଥାନ୍ତି । ସାଧାରଣତଃ ଚାଷୀମାନେ ନିଜ ଘରର ପଛ ଭାଗର ଦେଶୀ କୁକୁଡ଼ା ପାଳନ କରିଥାନ୍ତି । ଦେଶୀ କୁକୁଡ଼ାମାନେ ସ୍ଥାନୀୟ ପରିସ୍ଥିତି ସହିତ ଭଲ ଭାବରେ ଖାପଖୁଆଇ ପାରନ୍ତି ଏବଂ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଅଧିକ । ବର୍ତ୍ତମାନ ଦ୍ରୁତଜନସଂଖ୍ୟା ବୃଦ୍ଧି ଏବଂ ପୃଷ୍ଟି ସୁରକ୍ଷା ଦୃଷ୍ଟିରୁ ଦେଶୀ କୁକୁଡ଼ା ପାଳନର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

## ଘର ଅଗଣାରେ କୁକୁଡ଼ା ପାଳନର ଉପକାରୀ ଦିଗ:-



- ଗ୍ରାମାଞ୍ଚଳରେ ଅଧିକାଂଶ ଲୋକଙ୍କୁ କୁକୁଡ଼ା ପାଳନର ସାଧାରଣ ଜ୍ଞାନ କୌଶଳ ଜଣା ।
- ଏଥିରେ କମ୍ ପୁଞ୍ଜି ଆବଶ୍ୟକ ହୋଇଥାଏ ।
- କୁକୁଡ଼ା ପାଳନ ପରିବାରର ଆୟରେ ଯଥେଷ୍ଟ ସହାୟକ ହୋଇଥାଏ ।
- କ୍ଷୁଦ୍ର, ନାମମାତ୍ର ଓ ଭୂମିହିନ ଚାଷୀର କୁକୁଡ଼ା ପାଳନ ଏକ ଉପଜୀବିକା ।
- କୁକୁଡ଼ା ମଳ ଚାଷ ଜମିରେ ଖତ ରୂପେ ବ୍ୟବହାର କରାଯାଏ ।
- କୁକୁଡ଼ା, ରୋଷେଇ ଘରର ବଳକା ଖାଦ୍ୟ ଖାଇ ପରିବେଶ ସଫା ରଖିବା ସହ ଘର ଚାରିପାଖରେ ଥିବା ଉଈ, କୀଟପତଙ୍ଗ ମାନଙ୍କୁ ଖାଇ ସେମାନଙ୍କ ବଂଶବୃଦ୍ଧି ରୋକିଥାଏ ।
- କୁକୁଡ଼ା ଅତି କମ୍ ସମୟରେ ବଢ଼ିଯାଇଥାନ୍ତି ଏବଂ କମ୍ ପରିଶ୍ରମରେ ନିଶ୍ଚିତ ଆୟ ଯୋଗାଇଥାଏ ।
- ମହିଳା ଓ ଶିଶୁମାନେ ଏହାକୁ ସହଜରେ ପରିଚାଳନା କରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହିତ ଏହା ମାଧ୍ୟମରେ ପୋଷଣ ନିରାପତ୍ତା ସୁନିଶ୍ଚିତ କରିଥାନ୍ତି ।

## ଦେଶୀ କୁକୁଡ଼ାର ବିଶେଷତ୍ୱ:-



- ଦେଶୀ କୁକୁଡ଼ାମାନେ ସାଧାରଣତଃ ସ୍ଥାନୀୟ ପରିସ୍ଥିତି ସହିତ ଭଲ ଭାବରେ ଖାପଖୁଆଇ ପାରନ୍ତି ।
- ବାହାରେ ଚରିବୁଲି ଖାଦ୍ୟ ସଂଗ୍ରହ କରିପାରନ୍ତି ଓ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଅଧିକ ।
- ଦେଶୀ ଅଣ୍ଡା ଓ ମାଂସର ଚାହିଦା ଅଧିକ ଏବଂ ମୂଲ୍ୟ ମଧ୍ୟ ଅଧିକ ।
- ମାଈ କୁକୁଡ଼ା କୁଡୁକି ହୋଇ ଛୁଆ ଫୁଟେଇ ଥାଏ ଓ ବଂଶ ବିସ୍ତାର ସହଜରେ ହୋଇଥାଏ ।

## ସାଧାରଣ ଯତ୍ନ ଓ ପରିଚାଳନା:-

- ଅଧିକ ମାଂସ ଉତ୍ପାଦନ ନିମନ୍ତେ ମାଂସଳ କୁକୁଡ଼ା ମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ସହିତ ଉତ୍ତମ ବାସସ୍ଥାନ ନିହାତି ଆବଶ୍ୟକ ।
- କୁକୁଡ଼ା ଘର, ଉଚ୍ଚ ଜାଗା, ଭଲ ଭାବରେ ପାଣି ନିଷ୍କାସନ ହୋଇପାରୁଥିବା ଓ ମୁକ୍ତ ବାୟୁ ଚଳାଚଳ କରୁଥିବା ଜାଗରେ ହେବା ଉଚିତ୍ ।
- ସହଜରେ ଏବଂ ଘର ପାଖରେ ମିଳୁଥିବା କାଠ, ବାଉଁଶ ଓ ନଡ଼ା ଆଦି ଜିନିଷରେ କୁକୁଡ଼ା ଘର ତିଆରି କରାଗଲେ ଖର୍ଚ୍ଚ କମିଯିବ ।
- ନିର୍ମଳ ଓ ପରିଷ୍କାର ପାନୀୟ ଜଳ ପିଇବାକୁ ଦେବା ।
- କୁକୁଡ଼ା ମାନଙ୍କ ସ୍ୱାସ୍ଥ୍ୟ ନିୟମିତ ଭାବରେ ଯାଞ୍ଚ କରିବା । କିଛି ଲକ୍ଷଣ ଦେଖାଗଲେ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରିବା ନିହାତି ଆବଶ୍ୟକ ।
- ସଠିକ୍ ସମୟରେ ଉପଯୁକ୍ତ ଟୀକାକରଣ କରିବା ।
- ରୋଗିଣା କୁକୁଡ଼ାମାନଙ୍କୁ ଅଲଗା କରି ରଖିବା ଲାଗି ବ୍ୟବସ୍ତା କରିବା ଦରକାର ।
- କାଉ, ଚିଲ ଆଦି ପକ୍ଷୀମାନେ ଫାର୍ମ ଭିତରକୁ ପଶି ନପାରିବା ଭଳି ବ୍ୟବସ୍ଥା କରିବା ଦରକାର ।
- କୁକୁଡ଼ା ଘରକୁ ସଦାସର୍ବଦା ପରିଷ୍କାର ପରିଚ୍ଛନ ରଖିବା । ନହେଲେ କକସଡ଼ିଆ ରୋଗ ହୋଇଥାଏ ।
- କୁକୁଡ଼ା ଘରେ କୌଣସି ଧାରୁଆ ଜିନିଷ ରଖିବା ଉଚିତ୍ ନୁହେଁ, ନଚେତ୍ ଏହାଦ୍ୱାରା କୁକୁଡ଼ାମାନେ କ୍ଷତିଗ୍ରସ୍ତ ହୋଇପାରନ୍ତି ।
- ଖାଦ୍ୟ ଓ ପାଣି ପିଇବା ଜାଗାକୁ ନିୟମିତ ସଫା କରିବା ଏକାନ୍ତ ଆବଶ୍ୟକ ।
- ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକରୁ ରକ୍ଷା ପାଇବା ନିମନ୍ତେ କୁକୁଡ଼ା ଘର ସଠିକ୍ ସ୍ଥାନରେ ରହିବା ଉଚିତ୍ ଏବଂ ଏଥିରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ରହିବା ଆବଶ୍ୟକ ।
- କୁକୁଡ଼ା ଗୃହରେ ସହଜରେ ପ୍ରବେଶ କରିବା ଓ ସଫା କରିବା ନିମନ୍ତେ ବ୍ୟବସ୍ଥା ଥିବା ଆବଶ୍ୟକ ଏବଂ ଏହା ଜୀବାଣୁ ମୁକ୍ତ ହେବା ଉଚିତ୍ ।
- କୁକୁଡ଼ାଙ୍କ ପାଇଁ ଘର ପଛ ଭାଗରେ ଛୋଟ ଆବଦ୍ଧ ନିର୍ମାଣ ପାଇଁ କଙ୍କ୍ରିଟ୍ ଚଟାଣ ବ୍ୟବସ୍ତା କରିବା ଅତ୍ୟନ୍ତ ଦରକାରୀ, ଏହାକୁ ସଫା ଓ ରକ୍ଷଣାବେକ୍ଷଣ କରିବା ସହଜ ଏବଂ ଯଥେଷ୍ଟ ମଜବୁତ୍ ଅଟେ ।

## କୁକୁଡ଼ା ଖାଦ୍ୟ:-

କୁକୁଡ଼ା ପାଳନ ନିମନ୍ତେ ସଠିକ୍ ଖାଦ୍ୟ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, କାରଣ ଏହା କୁକୁଡ଼ାମାନଙ୍କ ସ୍ୱାସ୍ଥ୍ୟ ଅଭିବୃଦ୍ଧି ଏବଂ ଉତ୍ପାଦନକୁ ସୁନିଶ୍ଚିତ କରେ । ଉପଯୁକ୍ତ ପୋଷଣ କୁକୁଡ଼ାମାନଙ୍କର ଓଜନ ବୃଦ୍ଧି, ଅଣ୍ଡା ଉତ୍ପାଦନ, ସ୍ୱାସ୍ଥ୍ୟ ଏବଂ ରୋଗ ପ୍ରତିରୋଧ ଏବଂ ପ୍ରଜନନ ନିମନ୍ତେ ଆବଶ୍ୟକତା ପୂରଣ କରେ ତେଣୁ ସଫଳ ଭାବରେ କୁକୁଡ଼ା ଚାଷ ପାଇଁ ଉପଯୁକ୍ତ ଓ ସଠିକ୍ ମାତ୍ରାରେ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ନିହାତି ଆବଶ୍ୟକ । ସଠିକ୍ ଭାବରେ ଖାଦ୍ୟ ପରିଚାଳନା ନିମନ୍ତେ ନିମ୍ନଲିଖିତ ଦିଗପ୍ରତି ବିଶେଷ ଭାବରେ ଧ୍ୟାନ ଦେବା ଉଚିତ୍ ।

- କୁକୁଡ଼ା ମାନଙ୍କୁ ବୟସ ଅନୁଯାୟୀ ପର୍ଯ୍ୟାପ୍ତ ପରିମାଣର ପୁଷ୍ଟିକର ଖାଦ୍ୟ ଖାଇବାକୁ ଦିଅନ୍ତୁ ।
- ଖାଦ୍ୟ ଜନିତ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଦୈନିକ ଭାବରେ ତାଜା ଖାଦ୍ୟ ଖାଇବାକୁ ଦିଅନ୍ତୁ ।
- ନିୟମିତ ଭାବରେ ଖାଇବା ପାତ୍ରକୁ ସଫା କରନ୍ତୁ ।
- ଖାଦ୍ୟ ଏବଂ ପାଣି ପାତ୍ର ଯେପରି ପକ୍ଷୀର ମଳ ଦ୍ୱାରା ଦୂଷିତ ନହୁଏ ସେଥିପାଇଁ ଖାଦ୍ୟ ଓ ପାଣି ପାତ୍ର ଉପରେ ଉପଯୁକ୍ତ ଢାଙ୍କୁଣୀ ଦିଅନ୍ତୁ ।
- ଖାଦ୍ୟ ଏବଂ ପାଣି ରହିବା ଜାଗା ଯେପରି ସନ୍ତସନ୍ତିଆ ନହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ପାଣି ବୋହି ଯାଇ ଜାଗା ସନ୍ତସନ୍ତିଆ ହେଲେ କୁକୁଡ଼ା ମାନଙ୍କୁ କକୋଡିଓସିସ୍ ରୋଗ ହେବାର ସମ୍ଭାବନା ବୃଦ୍ଧି ପାଇଥାଏ ।
- ସଠିକ୍ ସମୟରେ ପାଣିରେ ଔଷଧ ଦେବାର ବ୍ୟବସ୍ଥା କରନ୍ତୁ ।
- ବୟସ ଅନୁଯାୟୀ କୁକୁଡ଼ାମାନଙ୍କୁ ବିଶ୍ୱାସନୀୟ ଯୋଗାଣକାରୀଙ୍କ ଠାରୁ ଉଚ୍ଚମାନର ଦାନା ଖାଇବାକୁ ଦିଅନ୍ତୁ ।
- ଖାଦ୍ୟ ସହିତ ଅଧିକ ପୋଷକତତ୍ତ୍ୱ ପାଇଁ କୁକୁଡ଼ା ଗୃହରେ ସବୁଜ ଡାଳ ଟାଙ୍ଗନ୍ତୁ ।
- ବଡ଼ କୁକୁଡ଼ା ମାନଙ୍କ ତୁଳନାରେ ଛୁଆ କୁକୁଡ଼ା ସଂକ୍ରମିତ ହେବାର ଅଧିକ ସମ୍ଭାବନା ଥାଏ । ତେଣୁ ପ୍ରଥମେ ଛୁଆ ମାନଙ୍କୁ ଖାଇବାକୁ ଦେବା ଉଚିତ୍ :-
  (ଖାଦ୍ୟ ଦେବାର କ୍ରମ ଏହି ପରି ହେବା ଉଚିତ୍- କୁକୁଡ଼ା ଚିଆଁ /ବଢୁଥିବା କୁକୁଡ଼ା /ବୟସ୍କ କୁକୁଡ଼ା / ଅସୁସ୍ଥ କୁକୁଡ଼ା)

## ଟିକାକରଣ:-

କୁକୁଡ଼ା ପାଳନ ନିମନ୍ତେ ଟିକାକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ସଂକ୍ରାମକ ରୋଗକୁ ରୋକିବା, ରୋଗ ବ୍ୟାପିବାକୁ ନିୟନ୍ତ୍ରଣ କରିବା, ମୃତ୍ୟୁହାର ହ୍ରାସ କରିବା, ଉତ୍ପାଦନରେ ଉନ୍ନତି ଆଣିବା, ଅତିମାତ୍ରାରେ ଆଣ୍ଟିବାୟୋଟିକ୍ ର ବ୍ୟବହାର ହ୍ରାସ ଏବଂ ଖାଦ୍ୟଜନିତ ରୋଗର ଆଶଙ୍କାକୁ ହ୍ରାସ କରିବାରେ ସହାୟକ ହୋଇଥାଏ । ଟିକା ନେଇଥିବା ପକ୍ଷୀମାନେ କ୍ଷତିକାରକ ଜୀବାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା କମ୍ ଥାଏ, ଯାହାଦ୍ୱାରା ସୁସ୍ଥ ଦଳ ହେବା ସହିତ ଉତ୍ତମ ଉତ୍ପାଦନ ମିଳିଥାଏ । କୁକୁଡ଼ା ଚାଷୀମାନେ ପ୍ରାଣୀ ଚିକିତ୍ସକଙ୍କ ସହ ମିଶି ସେମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ସମସ୍ୟା ଅନୁଯାୟୀ ନିୟମିତ ଭାବରେ ଟିକାକରଣ ସୂଚୀ ଅନୁଯାୟୀ ଟିକାକରଣ କରିବା ଉଚିତ୍ ।

## କୁକୁଡ଼ା ମାନଙ୍କର ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ୧ଦିନର ଚିଆଁ | ମାରେକଙ୍କ ଟୀକା |
| ଦିନ ୦୭ | ଲାସୋଟା (ଏଫ-୧) |
| ଦିନ ୨୭ | ବୁଷ୍ଟର୍ (ଏଫ-୧) |
| ୨.୫ ମାସ | ବସନ୍ତ ଟୀକା (ପ୍ରତି ଚାରିମାସରେ) |
| ୧୨ ସପ୍ତାହ | ଫାଉଲ୍ ପକ୍ସ (ବର୍ଷକୁ ଦୁଇଥର) |
| | କୃମିନାଶକ(ଟୀକାକରଣର) ୧୫ ଦିନ ପୂର୍ବରୁ |

## କୁକୁଡ଼ା ପାଳନ ସଙ୍କ୍ରାନ୍ତୀୟ ଉତ୍ତମ ଅଭ୍ୟାସ

**ଖାଦ୍ୟ**

ପୁଷ୍ଟିକର ଖାଦ୍ୟ, ୩-୪ ଥର ଖାଦ୍ୟ ଖାଇବାକୁ ଦେବା, ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ପ୍ରଦାନ, ଛୋଟ ଏବଂ ବଡ଼ ପକ୍ଷୀଙ୍କୁ ଅଲଗା ଭାବରେ ଖାଦ୍ୟ ଖାଇବାକୁ ଦେବା, ପରିଷ୍କାର ପାଣି ପିଇବାକୁ ଦେବା

**ତଦାରଖ**

ପକ୍ଷୀଙ୍କ ସ୍ୱାସ୍ଥ୍ୟବସ୍ଥା ନିୟମିତ ଯାଞ୍ଚ କରିବା ଅସୁସ୍ଥ ପକ୍ଷୀଙ୍କୁ ଅଲଗା ରଖିବା, ମୃତ ପକ୍ଷୀଙ୍କୁ ତୁରନ୍ତ ବାହାର କରିବା, ପରିଷ୍କାର ଓ ପରିଚ୍ଛନ୍ନତାର ନିୟମିତ ଯାଞ୍ଚ କରିବା ।

**ସୁରକ୍ଷା**

ଜଙ୍ଗଲି ପକ୍ଷୀ, ସରୀସୃପ, ଗୃହପାଳିତ ପଶୁ ଓ କୀଟପତଙ୍ଗ ଠାରୁ ସୁରକ୍ଷିତ ରଖିବା, ଭିନ୍ନ ଭିନ୍ନ ପ୍ରଜାତି ଅନୁଯାୟୀ ପକ୍ଷୀଙ୍କୁ ଅଲଗା ରଖିବା, ଅସୁସ୍ଥ ପକ୍ଷୀଙ୍କୁ ଅଲଗା ଭାବରେ ରଖିବା, ବାହାର ବ୍ୟକ୍ତିଙ୍କୁ କୁକୁଡ଼ା ରହୁଥିବା ସ୍ଥାନରେ ପ୍ରବେଶ ନକରାଇବା



**ଟୀକାକରଣ**

ସଠିକ୍ ସମୟରେ ଟୀକାକରଣ କରିବା, ୪ଥର କୃମିନାଶକ ଦେବା, ନିୟମିତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କ୍ରମେ ପ୍ରଥମ ସପ୍ତାହ ମଧ୍ୟରେ କୁକୁଡ଼ା ଚିଆଁକୁ ଭିଟାମିନ ଏବଂ ରୋଗପ୍ରତିରୋଧୀ ଦ୍ରବଣ ପ୍ରଦାନ କରିବା

**ପରିଷ୍କାର ଓ ପରିଚ୍ଛନ୍ନତା**

କୁକୁଡ଼ା ଗୃହକୁ ନିୟମିତ ଭାବରେ ସଫା ରଖିବା, ଜୀବାଣୁ ନାଶକ ବ୍ୟବହାର କରି ଜୀବାଣୁମୁକ୍ତ କରିବା ଏବଂ ଖାଦ୍ୟ ଓ ପାନୀୟ ନିମନ୍ତେ ବ୍ୟବହୃତ ଉପକରଣ ଗୁଡ଼ିକୁ ଭଲ ଭାବରେ ସଫା କରିବା ।

**ବାସଗୃହ**

ସଫା ଓ ସୁରକ୍ଷିତ ରହିବା ଘର ଯୋଗାଇ ଦେବା, ଘରକୁ ଉଷୁମ ରଖିବା, ଚଟାଣରେ କାଠ ଗୁଣ୍ଡ, କୁଣ୍ଡା ବିଛେଇବା